# ପିଲାଙ୍କ ଧରିତ୍ରୀ

ଶନିବାର, ୩ ନଭେମ୍ବର, ୨୦୧୮






୭ ଦୀପାବଳି କେଉଁଠି କେମିତି



୮ ଆଇନା



୬ କବିତା


## ଖିଲି ଖିଲି ହସ

ଶିକ୍ଷକ : ତୁମେମାନେ କେବେ କ୍ଲାସରେ କାହାକୁ ବାଡିଆପିଟା କରିବନି।
ମୋନୁ:ସାର୍, ଏଥିପାଇଁ କାହାକୁ ମାରିବା କଥା ନୁହେଁ ,କାରଣ କେତେବେଳେ କିଏ ଭଲ ଲଞ୍ଚ ବକ୍ସ ଆଣିଥିବ,ଆଉ ତାକୁ ଖାଇବାକୁ ମନ ହେଉଥିବ।

ରିମ୍ପି ଓ ଡିମ୍ପି ମଧ୍ୟରେ କଥାବାର୍ତ୍ତା...
ରିମ୍ପି : ଡାକ୍ତର କାହିଁକି ଅପରେଶନ୍ ସମୟରେ ରୋଗୀକୁ ବେହୋସ କରି ଦିଅନ୍ତି ?
ଡିମ୍ପି: ଡାକ୍ତର ଏଥିପାଇଁ ରୋଗୀକୁ ବେହୋସ କରନ୍ତି,କାରଣ ରୋଗୀ ନିଜର ଅପରେଶନ୍ ନିଜେ କରି ନ ଦେଉ।

ଗପ୍ପୁ ଓ ପପୁ ମଧ୍ୟରେ କଥାବାର୍ତ୍ତା...
ଗପ୍ପୁ: କହିଲୁ ସବୁଠାରୁ ପୁରୁଣା ପ୍ରାଣୀ କିଏ ?
ପପୁ: ଜେବ୍ରା
ଗପ୍ପୁ: କେମିତି ପୁରୁଣା ହେଲା ?
ପପୁ: ଆରେ ବୋକା ସେ ତ ଆଜିପର୍ଯ୍ୟନ୍ତ ବ୍ଲାକ୍ ଆଣ୍ଡ ହ୍ୱାଇଟ୍।

## ବିନ୍ଦୁ ଯୋଡ଼



## ମିଠା ମିଠି

■ପିଲାଙ୍କ ଧରିତ୍ରୀ(୬-୧୦)ରେ ଗଳ୍ପ ସ୍ତମ୍ଭରେ ସ୍ଥାନିତ 'ମୁଁ ହସିବି ଖୁସି ରହିବି' ବେଶ୍ ଉଚ୍ଚକୋଟୀର ହୋଇଛି। ଖିଲିଖିଲି ହସ ଓ ଜଣାଅଜଣା ମନୋରଞ୍ଜନଧର୍ମୀ ଉପସ୍ଥାପନା ହୋଇପାରିଛି। ଅଧିକ ସଂଖ୍ୟାରେ ଗପ ଓ କବିତା ସ୍ଥାନିତ କରିବାକୁ ଅନୁରୋଧ।
– ନିର୍ଭୟ କୁମାର ପାଣି, ବିଜିଗୋଳ, କଣିହାଁ, ଅନୁଗୋଳ

■କବିତା ସ୍ତମ୍ଭରେ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ରଚିତ 'କହ୍ନେଇ' କବିତାଟି ବେଶ୍ ମର୍ମସ୍ପର୍ଶୀ ହୋଇଛି। ଆଉ ଜଣା ଅଜଣା ସ୍ତମ୍ଭଟି ବି ଶିକ୍ଷଣୀୟ ହୋଇପାରୁଛି।
– ବିଜୁ ସାହୁ, ଖଣ୍ଡାଏତା, କଟକ

■କହିଲ ଦେଖିରେ ଥିବା ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ମଜା ଲାଗୁଛି। ପ୍ରତିଥର ଏହି ସ୍ତମ୍ଭଟି ଦେବାକୁ ଅନୁରୋଧ।
– ମନୋଜ ପାଢୀ, ତରତୁଆ, ଖୋର୍ଦ୍ଧା

■ଜଣା ଅଜଣା ସ୍ତମ୍ଭଟି ବେଶ୍ ଉପାଦେୟ ହେଉଛି। ଅନେକ ନୂଆ କଥା ଏଥିରୁ ଜାଣିବାକୁ ମିଳୁଛି।
– ପାରମିତା ସାହୁ, ବଳଗଣ୍ଡି, ପୁରୀ

## ଗପ



# ଦୀପର ପର୍ବ ଦୀପାବଳି

ପ୍ରତିମା ରାଣୀ ମିଶ୍ର (ଷଡ଼ଙ୍ଗୀ)

ମାମୁ ଗୁଗୁଲିକୁ ଡାକି ଡାକି ଘର ଭିତରକୁ ଆସୁଥାଆନ୍ତି। ଗୁଗୁଲି ମାମୁଙ୍କ ହାତରେ ବିଡ଼ାଏ କାଉଁରିଆ କାଠି ଓ ଦୀପ ଧରିବାର ଦେଖିଲା। ଗୁଗୁଲି ହାତକୁ ମାମୁ ବ୍ୟାଗଟି ବଢ଼ାଇ ଦେଲେ। ଗୁଗୁଲି ପଚାରିଲା ମାମୁ ଏ ସବୁ କାହିଁକି ଆଣିଛନ୍ତି ? ମାମୁ କହିଲେ ପାଗେଳି ..... ତୁ କ'ଣ ଜାଣିବୁ, ଆଜି ପରା 'ଦୀପର ପର୍ବ ଦୀପାବଳି'।
ଗୁଗୁଲିର ଆଗ୍ରହ ବଢ଼ିଲା। ଗୁଗୁଲିର ଆଗ୍ରହ ଦେଖି ମାମୁ କହିଲେ, ଶୁଣ ମୁଁ ଦୀପାବଳିର କଥା କହୁଛି। ଏହି ଦୀପାବଳିକୁ ସାରା ଭାରତବର୍ଷରେ ପାଳନ କରାଯାଉଛି। ମାତ୍ର ବିଭିନ୍ନ ରାଜ୍ୟରେ ଭିନ୍ନ ପ୍ରକାରରେ ପାଳନ କରାଯାଏ। ପ୍ରତ୍ୟେକ ବ୍ୟବସାୟୀ ଗୃହରେ ଧନଲକ୍ଷ୍ମୀଙ୍କୁ ଆରାଧନା କରିଥାଆନ୍ତି। ଦକ୍ଷିଣ ଭାରତରେ ଦୀପାବଳି ଦିନ ସନ୍ଧ୍ୟାରେ ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଏ। ପଶ୍ଚିମ ଭାରତରେ ଦେବୀ କାଳୀଙ୍କୁ ଉପାସନା କରାଯାଏ।
ଓଡ଼ିଶାରେ ଏହାର ପ୍ରଭାବ ଅଧିକ ଜଣାପଡ଼େ। ଉତ୍କଳର ଆରାଧ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରନ୍ତି। ଓଡ଼ିଆମାନେ ପିତୃପୁରୁଷଙ୍କ ପାଇଁ ପିମ୍ପେଇ ଦିଅନ୍ତି ଓ ମହାଳୟାର ଶେଷ ଶ୍ରାଦ୍ଧ ପ୍ରଦାନ କରନ୍ତି। ତେଣୁ ଏହାକୁ ପିମ୍ପେଇ ଅମାବାସ୍ୟା ମଧ୍ୟ କୁହାଯାଏ। ଏହି ଅବସରରେ ଶ୍ରୀମନ୍ଦିରର ବାଇଶ ପାହାଚରେ ବହୁ ଲୋକ ପିତୃଶ୍ରାଦ୍ଧ କରିଥାନ୍ତି। ବିଶ୍ୱାସ ଅଛି, ବାଇଶ ପାହାଚରେ ପିଣ୍ଡ ଦେଇ ବଡ଼ଦାଣ୍ଡରେ କାଉଁରିଆ ଜଳାଇ ଆଲୋକ ଦେଖାଇ ପିତୃପୁରୁଷଙ୍କୁ ସ୍ୱର୍ଗକୁ ଯିବାପାଇଁ ବିଦାୟ ଦିଆଯାଏ। ପିତୃଶ୍ରାଦ୍ଧ ଆଶ୍ୱିନ ମାସରେ ପିତୃପକ୍ଷ ପନ୍ଦରଦିନ ଧରି ପାଳନ କରାଯାଏ, ସରେ ମହାଳୟାରେ। ତା'ପରେ ପଡ଼େ ଦେବୀପକ୍ଷ। କାର୍ତ୍ତିକ ମାସରେ ଅମାବାସ୍ୟାରେ ତେଣୁ ବିଦାୟ ଦେଲାବେଳେ କୁହାଯାଏ,
" ଆହେ ବଡ଼ ବଡୁଆ, ଅନ୍ଧାରରେ ଆସି ଆଲୋକରେ ଯାଅ,
ବାଇଶ ପାହାଚେ ଗଡ଼ଗଡୁ ଥାଅ"।
ଏହି ଦୀପାବଳି ଉତ୍ସବକୁ ଲୋକେ ସବୁ ରାଜ୍ୟର ସଂସ୍କୃତି ଓ ପରଂପରାକୁ ମିଶାଇ ମହା ଆନନ୍ଦରେ ପାଳନ କରୁଛନ୍ତି। ଘରେ ଘରେ ପିଠାପଣା। ବନ୍ଧୁବାନ୍ଧବଙ୍କୁ ନେଇ ପାଳୁଛନ୍ତି। ମାତ୍ର ବାଣ ଫୁଟାଇବାଟା ଠିକ୍ ନୁହେଁ। ପରେ ପରେ ଚତୁର୍ଦ୍ଦିଗରେ ଦୀପ ସଜାଇ ଯେଉଁ ଆନନ୍ଦ ମିଳେ ଆତସବାଜି ଓ ବାଣଫୁଟାଇ କ୍ଷୟକ୍ଷତି କରିବା ଠିକ୍ ନୁହେଁ। ବଡ଼ ବଡ଼ମାନେ ଫୁଟାଇଲା ବେଳେ ଛୋଟ ପିଲାମାନେ ଦୂରେଇ ରହିବା ଦରକାର। ଘରଠାରୁ ଯଥେଷ୍ଟ ଦୂରରେ ବାଣ ଫୁଟେଇବା ଉଚିତ। ଛୋଟ ପିଲା କେବଳ ଝିଟିଝିଟି ଲଗାଇ ଆନନ୍ଦିତ ହେଲେ ଭଲହେବ। ବୁଝିଲୁ ତ ଗୁଗୁଲି ;
"ହଁ ମାମୁ ଧନ୍ୟବାଦ। ଏହି ଗପରୁ କେତେକଥା ଜାଣି ପାରିଲି। ମୁଁ ବାଣଠାରୁ ଦୂରରେ ରହିବି।"

–ଏଲ୍/୨୭୨
ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର,
ମୋ–୯୪୩୭୨୭୯୧୬୨

## -: ସୂଚନା :-

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795



# ପୁଣି ଆସିଛି ଦୀପାବଳି



**ଆଲୋକର ପର୍ବ ଦୀପାବଳି। ଏହା କେବଳ ଏକ ପର୍ବ ନୁହେଁ, ବରଂ ଏକ ଅବସର ପରିବାର ଏବଂ ବନ୍ଧୁ ପରିଜନଙ୍କ ସହ ସୁଖ ଦୁଃଖ ବାଣ୍ଟିବାର। ନିଜ ଶୁଭ ଚିନ୍ତକମାନଙ୍କର ଆଉ ଟିକିଏ ନିକଟତର ହେବାର। ତେବେ ଏହି ଆଲୋକର ପର୍ବକୁ ଛାତ୍ରୀଛାତ୍ରମାନେ କିଭଳି ପାଳିବାକୁ ଯୋଜନା କରିଛନ୍ତି ସେ ସମ୍ପର୍କରେ...**

## ବିନା ଶବ୍ଦଯୁକ୍ତ ବାଣ ଫୁଟାଇବି



“ସବୁ ପର୍ବପର୍ବାଣିର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ତେବେ ସମସ୍ତ ପର୍ବ ମଧ୍ୟରୁ ମୋତେ ଦୀପାବଳି ଭଲ ଲାଗେ। ଦୀପ, କ୍ୟାଣ୍ଡେଲ, ଆଲୋକମାଳାରେ ସଜାଯାଇଥିବା ଘରକୁ ଦେଖିଲେ ଖୁବ୍ ଖୁସିଲାଗେ। ଏହି ଅବସରରେ ଆମ ପଡୋଶୀ ଘରେ ରହୁଥିବା ବଙ୍ଗାଳୀ ପରିବାର ଶ୍ୟାମାକାଳୀଙ୍କ ପୂଜା କରନ୍ତି। ସେଠାକୁ ଯାଇ ମୁଁ ମା’କାଳୀଙ୍କୁ ପୂଜା ଆରାଧନା କରିବା ସହ ନୃତ୍ୟ ପରିବେଷଣ କରିବି, ତା’ସହ ବିନା ଶବ୍ଦଯୁକ୍ତ ବାଣ ଫୁଟାଇବି।

– **ସଞ୍ଚାରି ପଣ୍ଡା**, କ୍ଲାସ୍- ୮, ସେଣ୍ଟ ଜାଭିୟର ହାଇସ୍କୁଲ, ଫକୀରପୁର, କେଉଁଝର

## ମା’ଲକ୍ଷ୍ମୀଙ୍କୁ ପୂଜା କରିବି, ତା’ ସହ କାଉଁରିଆ କାଠି ଜଳାଇ ବଡ଼ ବଡୁଆଙ୍କୁ ଡାକିବି



“ଦୀପାବଳି ଦିନ ମୁଁ ମାମାଙ୍କ ସହ ମିଶି ଘରକୁ ଦୀପ ଏବଂ କ୍ୟାଣ୍ଡେଲରେ ସଜାଇବି। ଏହି ଦିନ ଆମ ଘରେ ମା’ ଲକ୍ଷ୍ମୀଙ୍କୁ ପୂଜା କରାଯାଏ ତା’ ସହ କାଉଁରିଆ କାଠି ଜଳାଇ ବଡ ବଡୁଆଙ୍କୁ ଡକାଯାଏ। ଜୋର ଶବ୍ଦ କରୁଥିବା ବାଣକୁ ମୋତେ ବହୁତ ଡର ଲାଗେ। ତେଣୁ ମୁଁ କେବଳ ଝିରଝିରି, ଦିଆସିଲି, ଧୁପ୍‌ଧୁପି ବାଣ ହିଁ ଫୁଟାଇବି। ମାମା ହାତ ତିଆରି ଚକୁଳି ଏବଂ କାକରା ପିଠାର ମଜା ନେବି।

– **ସିମ୍‌ରନ୍ ଦାସ୍**, କ୍ଲାସ୍-୮, ସେଣ୍ଟ ଜାଭିୟର ହାଇସ୍କୁଲ, ଢେଙ୍କାନାଳ

## ଇକୋଫ୍ରେଣ୍ଡଲି ଭାବେ ଦୀପାବଳି ପାଳନ କରନ୍ତୁ



“ଦୀପାବଳି ଏକ ଅବସର ସମଗ୍ର ପରିବାର ଏକାଠି ହେବାର। ଏହି ଅବସରରେ ମୁଁ ମାମା ବାପାଙ୍କ ସହ ଯାଜପୁର ଯାଇ ମେଢ ବୁଲି ଦେଖିବି। ସେଠାରେ ବହୁ ଜାକଜମକରେ ପୂଜା ହୋଇଥାଏ। ଏହି ଅବସରରେ ସମସ୍ତଙ୍କୁ ମୋର ଗୋଟିଏ ଅନୁରୋଧ, ବାଣ ଆତସବାଜି ଠାରୁ ଦୂରେଇ ଇକୋଫ୍ରେଣ୍ଡଲି ଭାବେ ଦୀପାବଳି ପାଳନ କରନ୍ତୁ। ଏହା ଦ୍ୱାରା ପରିବେଶ ପ୍ରଦୂଷଣକୁ ରୋକାଯିବା ସହ ଦୁର୍ଘଟଣାକୁ ମଧ୍ୟ ଏଡାଇ ହେଇହେବ।

– **ଶ୍ରଦ୍ଧାଞ୍ଜଳି ପଣ୍ଡା**, କ୍ଲାସ୍- ୭, ସରକାରୀ ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର, କେଉଁଝର

## ଦୀପ ଜାଳି ରଙ୍ଗୋଲି କରି ଘରକୁ ସଜାଇବି



“କାଳୀପୂଜା ଆମ ଅଞ୍ଚଳର ଏକ ନିଆରା ପର୍ବ। ଦୀପାବଳି ଦିନ ଆମେ ବଡବଡୁଆଙ୍କୁ ଶ୍ରଦ୍ଧାରେ ପୟା ଜାଳି ସ୍ମରଣ କରିଥାଉ। ଏହି ଦୀପାବଳି ମଧ୍ୟ ମୁଁ ଅନୁରୂପ ଭାବେ ପାଳନ କରିବି। ଦୀପ ଜାଳି ରଙ୍ଗୋଲି କରି ଘରକୁ ସଜାଇବି। କମ୍ ଶବ୍ଦଯୁକ୍ତ ବାଣ ଫୁଟାଇ ଅବସରର ସମ୍ପୂର୍ଣ୍ଣ ମଜା ନେବି।

– **ପ୍ରତ୍ୟୁଷା ପାଢୀ**, କ୍ଲାସ୍-୬, ସେଣ୍ଟ ଜାଭିୟର ହାଇସ୍କୁଲ, ଆନନ୍ଦପୁର, କେଉଁଝର



## ପରିବେଶ ପ୍ରଦୂଷଣ ପ୍ରତି ସଚେତନ ରହିବି



“ଏ ବର୍ଷ ନିରାଡମ୍ବର ଭାବେ ଦୀପାବଳି ପାଳନ କରିବି। ବାଣ ଦ୍ୱାରା ଆମ ପରିବେଶ ପ୍ରଦୂଷଣ ହେଉଛି। ଏଥିପ୍ରତି ସତର୍କ ରହିବି। ସବୁ ସାଙ୍ଗସାଥୀଙ୍କୁ ଅନୁରୋଧ, ଆମ ପରିବେଶ ପ୍ରତି ଯତ୍ନବାନ ହେବେ।

– **ସନ୍ଦୀପ ଲେଙ୍କା**, କ୍ଲାସ-୧୦, ସରକାରୀ ଉଚ୍ଚ ବିଦ୍ୟାଳୟ, ରାଜନଗର

## ପୂର୍ବପୁରୁଷଙ୍କୁ ସ୍ମରଣ କରିବି



“ଆମ ପୂର୍ବ ପୁରୁଷଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପବିତ୍ର ଦୀପାବଳିରେ ଦୀପ ଜାଳିବି। କାଉଁରିଆ କାଠିରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ବାପା, ଭାଇଙ୍କ ସହ ଦୀପାବଳି ପାଳନ କରିବି। ସବୁ ଦୁଃଖଯନ୍ତ୍ରଣା ଦୂରେଇ ଆଲୋକର ଉତ୍ସବ ଶାନ୍ତି ମୈତ୍ରୀର ବାର୍ତ୍ତା ଆଣୁ ଏତିକି ପ୍ରାର୍ଥନା।

– **ଅର୍ପିତା ମୋନାଲିସା ପ୍ରଧାନ**, କ୍ଲାସ-୧୦, ରାଜନଗର ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା

## ଖୁସିରେ ପାଳିବି ଦୀପାବଳି



“ଦୀପାବଳି ପର୍ବକୁ ମୁଁ ବହୁତ ଖୁସିର ସହ ପାଳନ କରିବି। ଝରଝରି ଜଳାଇବାକୁ ବହୁତ ଭଲ ଲାଗେ। ସାହିରେ ଥିବା ସାଙ୍ଗସାଥୀ ଓ ମୋ ବାପାମାଆଙ୍କ ସହିତ ଏହି ପର୍ବକୁ ପାଳିବି। ଘରେ ପୂଜାପାଠ ସରିଲେ କିଛି ସମୟ ବାଣ ଫୁଟାଇବି । ବାଣ ଫୁଟାଇବା ସମୟରେ ସତର୍କତା ଅବଲମ୍ବନ କରିବି। ମା’ଙ୍କ ଦ୍ୱାରା ପ୍ରସ୍ତୁତ ପିଠାପଣା ଖାଇବି।

– **ତନୁସ୍ କୁମାର ମିଶ୍ର**, କ୍ଲାସ-୪, ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ, ଗୋହିରା, ଆନନ୍ଦପୁର

## ମା’କାଳୀଙ୍କୁ ପ୍ରାର୍ଥନା କରିବି



“ଏହି ଦୀପାବଳିରେ ଆମେ ସବୁ ଛାତ୍ରାବାସର ଅନ୍ତେବାସୀ ଦୀପଜାଳି ଝୁରୁଝୁରି ବାଣ ଫୁଟାଇବୁ। ସମସ୍ତଙ୍କର ମଙ୍ଗଳ କାମନା ପାଇଁ ମା’କାଳୀଙ୍କୁ ପ୍ରାର୍ଥନା କରିବି।

-**ପାର୍ଥପ୍ରତୀମ୍ ସାହୁ**, କ୍ଲାସ-୫, ମାନବିକ ବିଦ୍ୟାଭବନ,ବ୍ରଜମୋହନପୁର, ହରିଚନ୍ଦନପୁର

## ସତର୍କତାର ସହ ବାଣଫୁଟାଇବି



“ଦୀପାବଳି ଖୁସିର ପର୍ବ ହେଉ, କାହାପାଇଁ ଦୁଃଖ ନ ଆଣୁ। ଏଣୁ ଏହି ଦିନରେ ସମସ୍ତେ ସତର୍କତା ସହ ବାଣ ଫୁଟାଇବା ଆବଶ୍ୟକ। ଏଦିନ ମୁଁ ମଧ ସତର୍କତା ସହ ବାଣ ଫୁଟାଇବି।

– **ଅଙ୍କିତା ପ୍ରିୟଦର୍ଶିନୀ ରଣା**, କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରଗଡ, ଭୁବନେଶ୍ୱର

## ଉଚ୍ଚଶବ୍ଦର ବାଣ ଫୁଟାଇବି ନାହିଁ



“କାଳିପୂଜା ତଥା ଦୀପାବଳିକୁ ଅପେକ୍ଷା କରିଛି। ଏହି ଦିନରେ ମା’, ବାପା, ଭଉଣୀ ଏଲି ସହ ଗାଁ ପାଖ ପୂଜାମଣ୍ଡପକୁ ଯାଇ ମା’ କାଳୀଙ୍କୁ ପ୍ରାର୍ଥନା କରିବି। ଉଚ୍ଚ ଶବ୍ଦର ବାଣ ନଫୁଟାଇବା ପାଇଁ ନିଷ୍ପତ୍ତି ନେଇଛି।

– **ଶୁଭଶ୍ମିତା ସାହୁ**, କ୍ଲାସ-୧୦, ହରିଶଚନ୍ଦ୍ରସ୍ମୃତି ନୋଡାଲ ଉଚ୍ଚ ବିଦ୍ୟାଳୟ, ଛତରନା, ପୁରୀ

## ନିଜେ ସତର୍କ ରହିବା ସହ ଅନ୍ୟଙ୍କୁ ସଚେତନ କରାଇବି



“ଦୀପାବଳିରେ ସାମାନ୍ୟ ଅସାବଧାନତା ଯୋଗୁ ଦୁର୍ଘଟଣା ଘଟୁଛି। ତେଣୁ ବିପଦପୂର୍ଣ୍ଣ ବାଣ ଫୁଟାଇବା ଅନୁଚିତ। ମୁଁ ଏହି ଦିନ ବାଣଫୁଟାଇବା ବେଳେ ସତର୍କ ରହିବି ଏବଂ ଅନ୍ୟଙ୍କୁ ସଚେତନ କରାଇବି।

– **ପ୍ରଜ୍ଞାପ୍ରିୟଦର୍ଶିନୀ ସାହୁ**, କ୍ଲାସ-୯, ଓଡ଼ିଆ ଆଦର୍ଶସ୍କୁଲ, କେଉଁଝର

## ଝୁରୁଝୁରି ବାଣ ଫୁଟାଇବି



“ଅତ୍ୟଧିକ ଶବ୍ଦ ପ୍ରଦୂଷଣ କରୁଥିବା ବାଣ ନ ଫୁଟାଇ ହାଲ୍‌କା ବାଣ ଫୁଟାଇବା ଦରକାର। ମୁଁ ଦୀପାବଳିରେ ଶବ୍ଦ ହେଉଥିବା ବାଣ ଫୁଟାଇବି ନାହିଁ କେବଳ ଧପଧପି,ଝୁରୁଝୁରି ବାଣ ଫୁଟାଇବି।

– **ପ୍ରାଚୀ ପ୍ରିୟଦର୍ଶିନୀ ବରାଳ**, କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମଧୁବନ, ପୁରୀ





୧



୨




୩



୪



୫




୬



୭



୮




୯



୧୦



୧୧



୧୨



୧
ଶାଶ୍ୱତ ମଲ୍ଲିକ
କ୍ଲାସ-୩, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର



୨
ଜସ୍ମୟ ଦାଶ
ମଣ୍ଟେଶ୍ୱରୀ-୩, ସେଣ୍ଟ ଜାଭିୟର ହାଇସ୍କୁଲ, ଭୁବନେଶ୍ୱର



୩
ପ୍ରିୟାଂଶୀ ମହାପାତ୍ର
ଏଲକେଜି,ଏସ୍ଏଆର୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର



୪
ଜସଲିନ କାଇଲେଖା
କ୍ଲାସ-୧, ସେଣ୍ଟ ଜୋସେଫ ସ୍କୁଲ, ଭୁବନେଶ୍ୱର



୫
ଜ୍ୟୋତିର୍ମୟୀ ଖଟୁଆ
କ୍ଲାସ-୭, ଗୁରୁନାନକ ପବ୍ଲିକ ସ୍କୁଲ, କଟକ



୬
ଭାଗ୍ୟଶ୍ରୀ ମହାନ୍ତି
କ୍ଲାସ-୨, ଡିଏଭି ସ୍କୁଲ୍, କଳିଙ୍ଗ ନଗର, ଭୁବନେଶ୍ୱର



୭
ସଂଶ୍ରିତା ପାତ୍ର
କ୍ଲାସ-୭, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ୍, ଭିଏସ୍ଏସ୍ ନଗର, ଭୁବନେଶ୍ୱର



୮
ଶକୁନ୍ତଳା ବିଶ୍ୱାଳ
କ୍ଲାସ-୮, ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଜନଗର



୯
ଓମ୍ ସାଗର ଦାସ
କ୍ଲାସ-୫, ସେଣ୍ଟ ଜାଭିୟର ହାଇସ୍କୁଲ, ଭୁବନେଶ୍ୱର



୧୦
ସୌମ୍ୟ ରଞ୍ଜନ ଦାସ
କ୍ଲାସ-୭, ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଜନଗର



୧୧
ସ୍ନେହାଲ ମହାପାତ୍ର
କ୍ଲାସ-୨,ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



୧୨
ସାହିଲ୍
କ୍ଲାସ-୬,ଡିଏଭି ପବ୍ଲିକ୍ ସ୍କୁଲ୍,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# କ ବି ତା

## ଦୀପାବଳି ଆସିଲାଣି



ଢୁଡିଆ ଭାଇରେ ଢୁଡିଆ ଭାଇ ଦୀପାବଳି ଆସିଲାଣି,
ପରୀକ୍ଷା ଆମର ସରିତ ଗଲାଣି ବାଣ କି କିଣା ହବନି।
ମା' ଦିହ ଟିକେ ଖରାପ ଅଛିରେ ତୁ ଟିକେ ଥୟ ଧର,
ସବୁଥର ପରି ଠିକଣା ବେଳରେ କିଣି ଦେବ ସିଏ ବାଣ।
ରାତି ଆଠଟାରୁ ନ'ଟା ଭିତରେ ଫୁଟେଇବା ଆମେ ବାଣ,
ନିୟମ ମାନିକି କାମ ସାରିଦେଲେ ହେବାନାହିଁ ହଇରାଣ।
ସୋନୁକୁ ଆମର ସେଇ ସମୟରେ ବାଣ ଫୁଟାଉ କହିବା,
ଦୂର ବିଦେଶରେ କୁନି ଗନୁ ଆମ ଦୀପାବଳି ସନ୍ଦେଶ ଦେବା।
ବାବା ଯାଇଛନ୍ତି ସଉଦା ଆଣିବେ ଆସିବାକୁ ଡେରି ଅଛି,
ପୂର୍ବପୁରୁଷଙ୍କୁ ପଇଆ ଡାକିବା ପୂଜାପୂଜି କେତେ ଅଛି।
ସଜାଡିଛି ମା' ଯେତିକି ଦରବ ସବୁ ଏକାଠି କରିବା,
ଫୁଲଚନ୍ଦନରେ ବଡ଼ବଡ଼ିଆଙ୍କୁ ଆମେ ନିମନ୍ତ୍ରି ଆଣିବା।
ବରଷକେ ଥରେ ଅନ୍ଧାରରେ ଆସ ଆଲୁଅରେ ଫେରିଯାଅ।
ସରଗପୁରରୁ ପର ପର ପିଢ଼ି ଆଶିଷ ବରଷୁ ଥାଅ।
ମୁଣ୍ଡିଆ ମାରିବା ମା' ଶ୍ୟାମାଙ୍କୁ ଯେ, ଦେଶ ଜାତି ରକ୍ଷା ପାଉ,
ଦୀପାବଳି ଆଜି ସବୁ ଦୁର୍ଦ୍ଦଶା ଆମ ଚାରିପାଖୁ ହଟିଯାଉ।


**-ଡ. କବିତା ପ୍ରତିହାରୀ**
ଶ୍ରୀ ଟାୱାର୍ସ-୧, ବିଜେବି ନଗର
ଭୁବନେଶ୍ୱର-୧୪

## ସେ ହିଁ ମଣିଷରେ ଗଣା

ବାପା ଯାଇଥିଲେ ବଜାର କରି
ବଜାରୁ ଆଣିଲେ ମୁଣାରେ ଭରି
କେତେ ରକମର ଚିଜ
ଫଳ,ମୂଳ,ମିଠା,ବାଣ ଓ ଦୀପାଳି
ସାଥିରେ ପୁଣି ମୁରୁଜ।
କୁନା ଚାହିଁଥିଲା ବାଟକୁ ତାଙ୍କ
ଆଖିଥିଲା ଲାଖି କବାଟ ଫାଙ୍କ
ବାପାଙ୍କ ଆସିବା ଦେଖି
ଧାଇଁଗଲା ସିଏ ଦାଣ୍ଡ ଦୁଆରକୁ
ମୁଣାଟା ଆଣିଲା ଟେକି।
ଝିରିଝିରି ବାଣ ତାଳ ଫୋଟକା
ହାବେଳି,କୁମ୍ଭି ଓ ସୁନୁଫୋଟକା
ହୋଇଗଲା ମନଖୁସି
ଗରବ ମନରେ ସାଥୀ ମେଳେ ସିଏ
ଦେଖାଇବ ହସି ହସି।
ଏଇବେଳେ ପୁଣି ବାପାଙ୍କ ଡାକ
ଯାଇ ଠିଆ ହେଲା ବାପାଙ୍କ ପାଖ
କହିଲେ କୁନାରେ ଶୁଣ
ଜୀବନରେ ବଡ ହେବା ଯଦି ଚାହଁ
ସଭିଙ୍କୁ ଆପଣା ମଣ।
ଚାଲଯିବା ଆମେ ଅନାଥାଶ୍ରମ
ଦୂର ହେବ ମନୁ ଯେତେକ ଭ୍ରମ
ତୁମଭଳି ପିଲାଟେ ସିଏ
ବସିଥିବେ ଦୁଃଖେ ମନଟିକୁ ମାରି
ଆଖିଲୁହ ପୋଛି ହାତେ।
ବାଣ୍ଟିଦେବା ସେଠି ମିଠା ଓ ବାଣ
ସେହି ହେବ ଆମ ପରବ ଜାଣ।
ହସ ଦେଲେ ଆନମୁଖେ
ଅନ୍ତରଟି ତମ ହେବ ମହକିତ
ଦିନ କଟିଯିବ ସୁଖେ।
ଆଖିଖୋଲିଗଲା ଜାଣିଲା କୁନା
ପରବ ଯେ ପାଳେ ପରଙ୍କ ବିନା
ନାହିଁ ତାକୁ କିଛି ଜଣା
ପରଦେହେ ଦେଖେ ଯେ ନାରାୟଣଙ୍କୁ
ସେହି ମଣିଷରେ ଗଣା।

**-ଛନ୍ଦା ମିଶ୍ର**
୩ଆର୍,ବିଜେବି ନଗର,
ଭୁବନେଶ୍ୱର

## ପାର୍ଥକ୍ୟ ଦର୍ଶାଅ



# କହିଲ ଦେଖି





ଦେଶ ବିଦେଶର ଯେତେ ଖବର
ନିତିଦିନ ମୁହିଁ ରଖେ ନଜର
ପିଲାଠାରୁ ବୁଢା ସର୍ବେ ପଢନ୍ତି
କେତେ ନୂଆ ନୂଆ କଥା ଜାଣନ୍ତି
ନାମକୁ ମୋହର ଯିଏ କହିବ
ସୁନାପିଲା ବୋଲି ଗଣା ହୋଇବ।
**ଉ:(ଖବରକାଗଜ)**

କେଁ କର କର କୁକୁଡା ଚିଆଁ
ଘଷାଘଷି କଲେ ଜଳଇ ନିଆଁ
ଭାତ ଡାଲି ପିଠା ମୁହିଁ ସିଝାଏ
ଏକମାତ୍ର ପାଣି ମୋତେ ଭିଜାଏ
ସାବଧାନ ଥିଲେ ସବୁ ବଢିଆ
ନୋହିଲେରେ ବାପା ଭାରି ଅଡୁଆ
**ଉ:(ଦିଆସିଲି)**




ଓଡ଼ିଆ ଜାତିକୁ ଏକାଠି କରି
ଉତ୍କଳ ଗଢିଲେ ସିଏ
ବୁଦ୍ଧି ବିଦ୍ୟାରେ ତାଙ୍କଠାରୁ ବଳି
ଚତୁର ହୋଇବ କିଏ
ଉତ୍କଳ ଗୌରବ ନାମରେ ପ୍ରସିଦ୍ଧ
ସହରଠୁ ପଲ୍ଲୀ
ତାଙ୍କ ନାମ ଗୋଟି କହିବ ଯିଏ
ତା' ମୁଣ୍ଡରେ ଦେବା ମଲ୍ଲୀ।
**ଉ: (ମଧୁସୂଦନ ଦାସ)**



ଅରୁଆ ଖାଏ
ଗେରୁଆ ପିନ୍ଧେ
ଖୋଜଇ ମଠ ବାଡି
ପ୍ରଭୁ ନାମକୁ ନିଇତି
ଜପେ
ବଢାଇ ଚୁଟି ଦାଢି
**ଉ:(ସାଧୁ)**

-ପ୍ରତାପ




## ତୁମ ପଢ଼ିବା ପାଇଁ

ଗଳାହାର: ଷାଣ୍ମାସିକ ଶିଶୁ-କିଶୋର ସାହିତ୍ୟ ପତ୍ରିକା 'ଗଳାହାର'ରେ ରହିଛି ପ୍ରେରଣାର ମହକ, ବିଲୁଆ ଓ ଭାଲୁ ଦୁଇବନ୍ଧୁ,ସେଇ ମାଆ,ଟିକି ମନ, ଭୁଲର ଶାସ୍ତି,ନେଲି ଶପଥ,କାଉ କୋଇଲି ଭୋଜି କରିବେ, ଏକ ମାଆର ସୁତ ଅନେକ ପରି କେତୋଟି ଶିକ୍ଷଣୀୟ ଗଳ୍ପ ଓ କବିତା। ପ୍ରତାପ ମହାନ୍ତଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୨୦ଟଙ୍କା।

ଯୋଗାଯୋଗ-ପ୍ରତାପ ମହାନ୍ତ,
ସମ୍ପାଦକ 'ଗଳାହାର',ଘଟଗାଁ,
କେନ୍ଦୁଝର

## ଏଥରର ପ୍ରଶ୍ନ ?

- କେଉଁ ମାସରେ ଦୀପାବଳି ପର୍ବ ପାଳନ କରାଯାଏ?
- ଦୀପାବଳି ଆଉ କେଉଁ ନାମରେ ମଧ୍ୟ ଜଣାଯାଏ?
- ରାମାୟଣର କେଉଁ ଘଟଣାକୁ ଆଧାର କରି ଦୀପାବଳି ପାଳନ କରାଯାଇଆସୁଛି?
- ଦୀପାବଳିରେ କେଉଁ ଦେବୀଙ୍କୁ ପୂଜା କରିଲେ ଧନ ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି?
- ଏହି ଅବସରରେ ଶ୍ରୀକୃଷ୍ଣ କେଉଁ ଅସୁରକୁ ବଧ କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି ?

## ଆର ଥରର ଉତ୍ତର

୧. ସୌଦୀ ଆରବ
୨. ଇଟାଲୀ
୩. ଇଜିପ୍ଟ
୪. ଆମେରିକା
୫. ଲଣ୍ଡନ
୬. ଆମେରିକା
୭. ପ୍ୟାରିସ୍



# ଦୀପାବଳି କେଉଁଠି କେମିତି

**ଆଲୋକର ପର୍ବ ଦୀପାବଳିକୁ ସମଗ୍ର ଭାରତବର୍ଷରେ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଆତସବାଜି ସାଙ୍ଗକୁ ବିଭିନ୍ନ ଆଲୋକମାଳାରେ ଘରକୁ ସଜାଯାଇଥାଏ। କିନ୍ତୁ ସ୍ଥାନ ଅନୁଯାୟୀ ଏହି ପର୍ବକୁ ପାଳନ କରିବାର ବିଧି ଏବଂ ପରମ୍ପରା ମଧ୍ୟ ଭିନ୍ନ ଭିନ୍ନ ରହିଥାଏ। ତେବେ ଦୀପାବଳିକୁ କେଉଁଠାରେ, କିଭଳି ଏବଂ କେଉଁ ନାମରେ ପାଳନ କରାଯାଏ ସେ ସମ୍ପର୍କରେ.....**

* **ଗୁଜରାଟ:** ଦୀପାବଳି ଦିନ ଏଠାରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଦୀପ ଏବଂ ରଙ୍ଗୋଲି ଦ୍ୱାରା ଘରକୁ ସଜାଯାଇଥାଏ। ଏହି ଦିନକୁ ବର୍ଷର ଶେଷଦିନ ଭାବେ ଗଣନା କରାଯାଏ ଏବଂ ଦୀପାବଳି ପରଦିନକୁ ନୂତନ ବର୍ଷ ଭାବେ ପାଳନ କରାଯାଏ।
* **ପଞ୍ଜାବ:** ଦୀପାବଳିଠାରୁ ଏଠାରେ ଶୀତଋତୁ ଆରମ୍ଭ ହେବାର ସୂଚନା ମିଳିଥାଏ। ତେଣୁ ଏହି ଦିନଠାରୁ ପଞ୍ଜାବରେ ଶୀତଋତୁଜନିତ ଚାଷକାର୍ଯ୍ୟ ଆରମ୍ଭ ହୁଏ। ଏହା ବ୍ୟତୀତ ହିନ୍ଦୁ ପଞ୍ଜାବୀମାନେ ଏହି ଦିନ ମା'ଲକ୍ଷ୍ମୀଙ୍କୁ ଆରାଧନା କରୁଥିବା ବେଳେ ଶିଖ୍‌ମାନେ ଗୁରୁଦ୍ୱାରା ଯାଇ ପୂଜାର୍ଚ୍ଚନା କରିଥାନ୍ତି।
* **ପଶ୍ଚିମବଙ୍ଗ:** ଏହି ଦିନ ଏଠାରେ ମା' କାଳୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଏହାକୁ ଶ୍ୟାମାକାଳୀ ପୂଜା ଭାବେ ମଧ୍ୟ ପାଳନ କରାଯାଏ। କଲିକତାର କାଳୀଘାଟ ଏବଂ ଦକ୍ଷିଣେଶ୍ୱରଠାରେ ଏହି ପର୍ବ ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ।
* **ତାମିଲନାଡୁ:** ଏଠାରେ ଦୀପାବଳିକୁ 'ଥାଲାଇ ଦୀପାବଳି' ମଧ୍ୟ କୁହାଯାଏ। ଏହି ଦିନ ଏଠାରେ ଘରେ ଘରେ 'ଦୀପାବଳି ଲେଗିୟମ୍' ନାମକ ଏକ ସ୍ୱତନ୍ତ୍ର ଆୟୁର୍ବେଦ ଔଷଧ ପ୍ରସ୍ତୁତ କରି ସେବନ କରାଯାଏ, ଯାହା ଖାଦ୍ୟ ସହଜରେ ହଜମ ହେବାରେ ସାହାଯ୍ୟ କରିଥାଏ।
* **ଓଡ଼ିଶା:** ଏଠାରେ ଏହି ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ, ଅନ୍ଧାରରେ ଆସି ଆଲୋକରେ ଯାଅ, ବାଇଶ ପାହାଚେ ଗଡ଼ଗଡୁ ଥାଅ''... ଗୀତ ବୋଲି କାଉଁରିଆ କାଠି ଜଳାଯାଇଥାଏ। ଏହା ବ୍ୟତୀତ ଘରକୁ ମାଟିଦୀପରେ ସଜାଇ ଆଲୋକିତ କରାଯାଇଥାଏ।
* **ମହାରାଷ୍ଟ୍ର:** ଏଠାରେ ଦୀପାବଳିକୁ ପାଞ୍ଚ ଦିନ ବ୍ୟାପୀ ପାଳନ କରାଯାଏ। ପ୍ରଥମ ଦିନ 'ଭାସୁବରସ' ଭାବେ ଗାଈ ଏବଂ ବାଛୁରୀକୁ ପୂଜା କରାଯାଇଥାଏ। ଦ୍ୱିତୀୟ ଦିନ 'ଧନ୍‌ତେରସ'ରେ ଧନ୍ୱନ୍ତରୀ, ମା' ଲକ୍ଷ୍ମୀ ଏବଂ ଗଣେଶଙ୍କୁ ପୂଜାର୍ଚ୍ଚନା କରାଯାଏ। ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଦିନକୁ ଯଥାକ୍ରମେ 'ନାରକଚତୁର୍ଦ୍ଦଶୀ', 'ଛା ପଡଭା', ଏବଂ 'ଭାଉବିଜ୍' ବୋଲି କୁହାଯାଏ।
* **ବାରାଣସୀ:** ପବିତ୍ର ସହର ବାରାଣସୀରେ ଏହି ପର୍ବ ଦେବ ଦୀପାବଳି ଭାବେ ପାଳନ କରାଯାଏ। ଏହି ଦିନ ଦେବଦେବୀଗଣ ଗଙ୍ଗାନଦୀରେ ଆସି ସ୍ନାନ କରନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଗଙ୍ଗାଘାଟକୁ ଦୀପ ଏବଂ ରଙ୍ଗୋଲିରେ ସଜାଯାଇ ଗଙ୍ଗା ଆଳତି କରାଯାଇଥାଏ।
* **ଆସାମ:** ଏହି ଦିନ ଘରକୁ ରଙ୍ଗୋଲି, ଦୀପ ସହିତ ମୁଖ୍ୟ ଦ୍ୱାରକୁ ଆମ୍ବପତ୍ର ଏବଂ ଫୁଲର ତୋରଣ ଦ୍ୱାରା ସଜାଯାଇଥାଏ। ଏଠାରେ ମଧ୍ୟ ପାଞ୍ଚଦିନ ବ୍ୟାପୀ ଏହି ପର୍ବ ପାଳନ କରାଯିବା ସହ ମା' ଲକ୍ଷ୍ମୀ ଏବଂ କାଳୀଙ୍କୁ ପୂଜାର୍ଚ୍ଚନା କରାଯାଏ। ଶେଷଦିନକୁ ଏଠାରେ 'ଭାଇଦୁଜ୍' ଭାବେ ପାଳନ କରାଯାଏ।
* **ଗୋଆ:** ଏହି ଦିନ ଭଗବାନ ଶ୍ରୀକୃଷ୍ଣ ନାରକାସୁରକୁ ବଧ କରିଥିବା ହେତୁ ତାଙ୍କ ଉଦ୍ଦେଶ୍ୟରେ ଏହି ଦିନକୁ ପାଳନ କରାଯାଇଥାଏ। ଏହି ଦିନ ଏଠାକାର ଲୋକେ ଦେହରେ ସୁଗନ୍ଧିତ ନଡିଆ ତେଲ ଲେପ ଲଗାଇଥାନ୍ତି। ଏହା ଦ୍ୱାରା ପାପକର୍ମରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।



# ସୁରକ୍ଷିତ ଦୀପାବଳି

**ପିଲାମାନଙ୍କ ପାଇଁ ଦୀପାବଳି ଏକ ଆନନ୍ଦର ପର୍ବ। ଏହି ଦିନକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ସମସ୍ତେ ଥାଆନ୍ତି ଆଗ୍ରହୀ। ତେବେ ବାଣ ଫୁଟାଇବା ବେଳେ କିଛି ସାବଧାନତା ଅବଲମ୍ବନ କରିବା ଜରୁରୀ, ଯାହାଦ୍ୱାରା ଏହି ଉତ୍ସବକୁ ସୁରକ୍ଷିତ ଭାବେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇପାରିବ...**

* ବାଣ ଫୁଟାଇବା ବେଳେ ସର୍ବଦା ସୂତା ବା କଟନ କପଡା ପରିଧାନ କରିବା ଜରୁରୀ।
* ଏହି ସମୟରେ ଜୋତା ମଧ୍ୟ ପିନ୍ଧିବା ନିହାତି ଆବଶ୍ୟକ।
* ଅଭିଭାବକ ବା ଘରର ଅନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ବାଣ ଫୁଟାଇବା ଭଲ।
* ଲୋକମାନେ ଆତଯାତ କରୁଥିବା ସ୍ଥାନ, ରାସ୍ତା, ଘରଠାରୁ ଅନତି ଦୂରରେ ବାଣ ଫୁଟାନ୍ତୁ। ବାଣ ଫୁଟାଇବା ପାଇଁ ସବୁବେଳେ ଖୋଲାସ୍ଥାନ ହିଁ ବାଛିବା ସବୁଠାରୁ ଭଲ।
* ଗୋଟିଏ ବାଣ ଫୁଟେଇଲା ବେଳେ କଦାପି ଆଉ ଏକ ବାଣକୁ ନିଜ ପକେଟ ବା ହାତରେ ଧରନ୍ତୁ ନାହିଁ।
* ବାଣ ରଖାଯାଇଥିବା ସ୍ଥାନର ଅନତି ଦୂରରେ ବାଣ ଫୁଟାଇବା ଆବଶ୍ୟକ।
* ଅଧିକ ଶବ୍ଦ ଉତ୍ପନ୍ନ କରୁଥିବା ବାଣ ଫୁଟାଇବା ଅନୁଚିତ।
* ବାଣ ହାତରେ ଧରିଥିବା ବେଳେ ଏଥିରେ ଥିବା ବାରୁଦ ହାତରେ ଲାଗିଯାଇଥାଏ, ଯାହା ତ୍ୱଚା ବା ଆଖିରେ ଲାଗିଲେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ତେଣୁ ବାଣ ଫୁଟେଇବାର ତୁରନ୍ତ ପରେ ହାତକୁ ଭଲଭାବେ ଧୋଇବା ଆବଶ୍ୟକ।
* ବାଣକୁ ହାତରେ ଧରି ଫୁଟାଇବା ଅନୁଚିତ। ଏହାକୁ କୌଣସି ବାଡ଼ି ସାହାଯ୍ୟରେ ହେଉ ବା ତଳେ ରଖି ଫୁଟାନ୍ତୁ।
* ଶରୀରଠାରୁ ଉଚିତ ବ୍ୟବଧାନ ରକ୍ଷା କରି ବାଣ ଫୁଟାଇବା ଭଲ।
* କୌଣସି ବାଣ ଫୁଟାଇବା ପୂର୍ବରୁ ତାହା କିପରି ଫୁଟିବ ସେ ସମ୍ପର୍କରେ ଅବଗତ ହେବା ଜରୁରୀ।
* ଯଦି କୌଣସି ବାଣ ଥରେ ଜଳେଇଲା ପରେ ନ ଫୁଟେ, ତେବେ ତାକୁ ଦ୍ୱିତୀୟ ଥର ଲଗାନ୍ତୁ ନାହିଁ।
* ଆଖପାଖରେ ଥିବା ବିଜୁଳି ତାରଠାରୁ ଦୂରେଇ ରହି ବାଣ ଫୁଟାନ୍ତୁ।
* ବାଣ ଫୁଟାଇବା ସ୍ଥାନରେ ଏକ ପାଣିପୂର୍ଣ୍ଣ ପାତ୍ର ନିହାତି ରଖନ୍ତୁ। ଏହା ବ୍ୟତୀତ ଜରୁରିକାଳୀନ ଔଷଧ ମଧ୍ୟ ପାଖରେ ରଖିବା ଆବଶ୍ୟକ।





# ଆଇନା



ଆଦିତ୍ୟରାଜ୍
୫ ବର୍ଷ



ସିମରନ୍
୮ ବର୍ଷ



ସ୍ୱସ୍ତିସିମରନ୍
୭ ବର୍ଷ